
ଜାତିସଂଘର
ଖାଦ୍ୟ
ଓ
କୃଷି
ସଂଗଠନ

# ଦାୟିତ୍ୱ ସଂପନ୍ନ ମତ୍ସ୍ୟ ଉତ୍ପାଦନ ପାଇଁ ଚରିତ୍ର ସଂହିତା କ'ଣ ?



# ଦାୟିତ୍ୱ ସଂପନ୍ନ
# ମତ୍ସ୍ୟ ଉତ୍ପାଦନ
# ପାଇଁ
# ଚରିତ୍ର ସଂହିତା
# କ'ଣ ?

ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ
ରୋମ, 2001

ଏଥିରେ ଯେଉଁ ନାମକରଣ ପ୍ରୟୋଗ କରାଯାଇଛି ଓ ସୂଚନାରେ ଯେଉଁ ତଥ୍ୟ ପରିବେଷଣ କରାଯାଇଛି, ତାହା ଉପରେ କୌଣସି ଦେଶ,ଭୂଖଣ୍ଡ, ନଗର ଅଞ୍ଚଳ ଅବା ଏହାର କର୍ତ୍ତୃତ୍ୱାଧିକାରୀ ତଥା ପ୍ରମୁଖ ବା ସୀମା ମଧ୍ୟରେ ଥିବା ସମ୍ବନ୍ଧୀୟ ଅନୁଷ୍ଠାନ ଯାହା କିଛି ମତ ବ୍ୟକ୍ତ କରନ୍ତି, ତାହା ବିଶ୍ୱ କୃଷି ଓ ଖାଦ୍ୟ ସଂଗଠନ ପ୍ରତି ପରୋକ୍ଷଭାବେ ପ୍ରଯୁଜ୍ୟ ହେବ ନାହିଁ।

ଆଇ.ଏସ.ବି.ଏନ୍. 92-5-104541-0

ସମସ୍ତ ଅଧିକାରୀ ସଂରକ୍ଷିତ ।ଶିକ୍ଷା କିମ୍ବା ଅନ୍ୟ ଅଣବ୍ୟବସାୟ ଉଦ୍ଦେଶ୍ୟରେ, ମୂଳ ପାଣ୍ଡୁଲିପି ଲେଖକଙ୍କ ଠାରୁ ଲିଖିତ ଆଗୁଆ ଅନୁମତି ହାସଲ ବିନା,ଉକ୍ତ ସଂହିତାସ୍ଥିତ ସୂଚନାକୁ ପୁନଃ ରଚନା କରିବା ଏବଂ ତଥ୍ୟ ବିସ୍ତାରଣ କରିବା, ଅଧିକାର ଭୁକ୍ତ ନୁହେଁ। ଏହି ସମ୍ପର୍କରେ ପୂର୍ଣ୍ଣ ସ୍ୱୀକାରପତ୍ର ପାଇବା ବିଧେୟ । ଉକ୍ତ ସୂଚନାର ତଥ୍ୟକୁ ବିକ୍ରୟ କରିବା ଅବା ଅନ୍ୟ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରିବା, ମୂଳ ପାଣ୍ଡୁଲିପି ଲେଖକଙ୍କର ଲିଖିତ ଅନୁମତି ବିନା ନିଷିଦ୍ଧ ଅଟେ । ଏହି ଅନୁମତି ପାଇଁ ଆବେଦନ କରିବା ଠିକଣା ହେଲା,ପ୍ରକାଶନ ଓ ବହୁବିଧ ଗଣମାଧ୍ୟମ ସେବା, ସୂଚନା ମଣ୍ଡଳ, ଏଫ.ଏ.ଓ. ଭାଇଏଲେ ବେଲେ ଟର୍ମେ ଡି କାରାବାଲା, 00100 ରୋମ, ଇଟାଲି, ଅବା ଇ-ମେଲ କପିରାଇଟ ଓ ଟାଏଓ-ଅର୍ଗ ।

**©ଏଫ.ଏ.ଓ 2001**

# ଦାୟିତ୍ୱ ସଂପନ୍ନ ମତ୍ସ୍ୟ ଉତ୍ପାଦନ ପାଇଁ ଚରିତ୍ର ସଂହିତା କଣ ?

ମତ୍ସ୍ୟ ଉତ୍ପାଦନ ଯେଉଁଥିରେ ପରିଚାଳନା, ମାଛ ଧରିବା, ପ୍ରକ୍ରିୟାକରଣ, ବିକ୍ରୟ ଆଦି କାର୍ଯ୍ୟ ଅନ୍ତର୍ଭୁକ୍ତ ଏବଂ ମତ୍ସ୍ୟଚାଷ (ପୋଖରୀରେ ମାଛ ପାଳନ କରିବା), ବିଶ୍ୱବ୍ୟାପି ସବୁ ବ୍ୟକ୍ତିଙ୍କର ଏହା ଖାଦ୍ୟ, ଆତ୍ମନିଯୁକ୍ତି, ଅର୍ଥ ଉପାର୍ଜନ ଓ ଆମୋଦପ୍ରମୋଦ ପାଇଁ ପ୍ରମୂଖ ପନ୍ଥା ଅଟେ । ଜୀବିକାର୍ଜନ ନିମିତ୍ତ ନିୟୁତ ସଂଖ୍ୟାଧିକ ଲୋକ ମତ୍ସ୍ୟ ଉତ୍ପାଦନ ଉପରେ ନିର୍ଭର କରନ୍ତି । ଭବିଷ୍ୟତ ବଂଶଧର ପାଇଁ ଯଦି ପ୍ରଚୁର ମାଛ ଉତ୍ପାଦିତ ହୁଏ, ମତ୍ସ୍ୟ ଉତ୍ପାଦନରେ ନ୍ୟସ୍ତ ପ୍ରତ୍ୟେକ ବ୍ୟକ୍ତି ବିଶ୍ୱର ମତ୍ସ୍ୟ ସଂରକ୍ଷଣ ଓ ପରିଚାଳନା ପାଇଁ ସାହାଯ୍ୟ କରିବା ଉଚିତ ।

ଉକ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି ସଂଯୁକ୍ତ ରାଷ୍ଟ୍ର ସଂଘ ଅନ୍ତର୍ଗତ ଖାଦ୍ୟ ଓ କୃଷି ସଂଗଠନର 170 ରୁ ଅଧିକ ସଦସ୍ୟ 1995 ମସିହାରେ ଦାୟିତ୍ୱ ସଂପନ୍ନ ମତ୍ସ୍ୟ ଉତ୍ପାଦନ ନିମିତ୍ତ ଚରିତ୍ର ସଂହିତାକୁ ଅନୁସରଣ କରିଛନ୍ତି । ସଂହିତା, ବରଂ ବାଧ୍ୟତାମୂଳକ ନ ହୋଇ ସ୍ୱେଚ୍ଛାମୂଳକ ଅଟେ ଏବଂ ଅନ୍ତର୍ଦେଶୀୟ ବା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଓ ମାଛ ଚାଷରେ କାର୍ଯ୍ୟ କରୁଥିବା ବା ଲିପ୍ତଥିବା ପ୍ରତ୍ୟକଙ୍କ ଉଦ୍ଦେଶ୍ୟରେ ଏହା ପ୍ରଣୋଦିତ ।କାରଣ ସଂହିତାଟି ସ୍ୱେଚ୍ଛାମୂଳକ ଅଟେ ।ମତ୍ସ୍ୟ ଉତ୍ପାଦନ ଓ ମାଛଚାଷରେ କାର୍ଯ୍ୟକରୁଥିବା ସବୁ ଲୋକ ଏହାର ସୂତ୍ର ଓ ଲକ୍ଷ୍ୟ ପ୍ରତି ପ୍ରତିଶୃତିବଦ୍ଧ ହେବେ ଏବଂ ଏହାକୁ କାର୍ଯ୍ୟକାରୀ କରିବାକୁ ବାସ୍ତବ ପଦକ୍ଷେପ ନେବେ ।

ସଂଗୃହୀତ ସୂତ୍ର, ଲକ୍ଷ୍ୟ ଓ କାର୍ଯ୍ୟକରିବା, ଉପାଦାନ ଥିବା ଚରିତ୍ର ସଂହିତାକୁ ବିସ୍ତାର କରିବାକୁ 2 ବର୍ଷ ସମୟ ଲାଗିଥିଲା । ଖାଦ୍ୟ ଓ କୃଷି ସଂଗଠନର ସଦସ୍ୟଙ୍କ ମଧ୍ୟରୁ ଅନ୍ତଃ-ସରକାରୀ ସଂଗଠନ, ମତ୍ସ୍ୟଶିଳ୍ପ ଓ ଅଣସରକାରୀ ଅନୁଷ୍ଠାନଙ୍କର ପ୍ରତିନିଧି ସଂହିତାର ଚୁକ୍ତିରେ ପହଞ୍ଚିବାକୁ ଦୀର୍ଘସମୟ କଠିନ ପରିଶମ କରିଅଛନ୍ତି । ଏଣୁ ମତ୍ସ୍ୟ ଉତ୍ପାଦନ ଓ ମତ୍ସ୍ୟ ଚାଷରେ ସଂପୃକ୍ତ ବିଭିନ୍ନ ସଂଗଠନମାନଙ୍କର ସାମୂହିକ ପ୍ରଚେଷ୍ଟାର ଏହା ହେଉଛି ଫଳ । ମତ୍ସ୍ୟ ଉତ୍ପାଦନ ଓ ମତ୍ସ୍ୟଚାଷର ବିଶ୍ୱବ୍ୟାପି ସଚେତନତା ଓ ବ୍ୟାପକ ଚୁକ୍ତିନାମାକୁ ସଂହିତା ପ୍ରତିପାଦନ କରୁଛି ।

ସରକାର ତାହାଙ୍କର ମତ୍ସ୍ୟଶିଳ୍ପ ଓ ମତ୍ସ୍ୟଜିବୀ ସଂପ୍ରଦାୟଙ୍କ ସହଯୋଗରେ ସଂହିତା କାଯ୍ୟକାରୀ କରିବାକୁ ଦାୟିତ୍ୱ ବହନ କରିଅଛନ୍ତି । ଖାଦ୍ୟ ଓ କୃଷି ସଂଗଠନ ସେମାନଙ୍କ

କାର୍ଯ୍ୟକଳାପକୁ ବୈଷୟିକ ସମର୍ଥନ ଦେବାର ଭୂମିକା ଗ୍ରହଣ କରିଛି । କିନ୍ତୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ସିଧା ବହନ କରୁନାହିଁ । କାରଣ, ଜାତୀୟ ମତ୍ସ୍ୟନୀତିର କାର୍ଯ୍ୟକାରୀ କରିବା ଓ ଉନ୍ନତି ପାଇଁ ଏଫ.ଏ.ଓ ର ଦାୟିତ୍ୱ ନାହିଁ । ସରକାରଙ୍କର ଏହା ସଂପୂର୍ଣ୍ଣ ଦାୟିତ୍ୱ ଅଟେ ।

ଜାତୀୟ ମତ୍ସ୍ୟ ନୀତି ଓ ବିଧାନରେ ଏହାର ସୂତ୍ର ଓ ଲକ୍ଷ୍ୟ ଅନ୍ତର୍ଭୁକ୍ତ କରିବାକୁ ଯେତେବେଳେ ସରକାର ସକ୍ଷମ ହେବେ, ସଂହିତାର ପ୍ରବର୍ତ୍ତନ ଦୃଢଭାବେ ହୋଇଛି ବୋଲି ଧରିନିଆଯିବ । ଏହି ବିଧାନ ଓ ନୀତିର ପରିବର୍ତ୍ତନକୁ ସମର୍ଥନ ଲାଭ ନିମିତ୍ତ ସରକାର ଶିଳ୍ପ ଓ ଅନ୍ୟ ସଂଗଠନ ସହ ପରାମର୍ଶ କରି ସେମାନେ କିପରି ସେମାନଙ୍କର ସମର୍ଥନ ବୃଦ୍ଧି ପାଇବ ଏବଂ ସ୍ୱେଚ୍ଛାକୃତ କାର୍ଯ୍ୟକାରୀ କରିବେ, ସେଥିସକାଶେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ । ଏହା ସହିତ ସରକାର ମତ୍ସ୍ୟଜିବୀ ସଂପଦାୟ ଓ ମତ୍ସ୍ୟ ଶିଳ୍ପକୁ, ସଂହିତାର ଉତ୍ତମ ଆଚରଣ ଯାହାକି ଚରିତ୍ର ସଂହିତାର ଉଦ୍ଦେଶ୍ୟ ଓ ଲକ୍ଷକୁ ସୁହାଇବ, ଏଥିପାଇଁ ଉତ୍ପାଦିତ କରିବେ । ଉକ୍ତ ସଂହିତାର ସଦାଚରଣ ପାଇଁ ସଂହିତାର କାର୍ଯ୍ୟକାରୀତାକୁ ବୃଦ୍ଧି କରିବା ହେଉଛି ଅନ୍ୟ ଏକ ମୂଖ୍ୟ ପନ୍ଥା ।


ଏହି ପୁସ୍ତିକାର ଉଦ୍ଦେଶ୍ୟ ହେଲା ଯେ, ଚରିତ୍ର ସଂହିତାର କେତେକ ବିଷୟକୁ ଅଣବୈଷୟିକ ଧାରାରେ ବ୍ୟାଖ୍ୟା କରିବା । ଆଶା କରାଯାଉଛି ଯେ, ଏହି ସୂଚନା ସଂହିତାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ପ୍ରତି ସଚେତନ ରହିବାକୁ ଲୋକଙ୍କୁ ପ୍ରବର୍ତ୍ତାଇବ ଏବଂ ମାଛଚାଷରେ ଓ କ୍ଷୁଦ୍ର ବା ବୃହତ୍ତ କ୍ଷେତ୍ର ହେଉ, ପ୍ରତ୍ୟେକ ମତ୍ସ୍ୟ ଉନ୍ନୟନରେ ସଂହିତା କାର୍ଯ୍ୟକାରୀ କରିବାକୁ ଉତ୍ସାହିତ କରିବ । ଚରିତ୍ର ସଂହିତା ବଦଳରେ ପୁସ୍ତିକାଟି ଉପସ୍ଥାପନା କରାଯାଇନାହିଁ । କିନ୍ତୁ ଏ ସମ୍ବନ୍ଧରେ ଅଧିକ ସୂଚନା କରିବାକୁ ଉଦ୍ୟମ କରାଯାଇଛି ।

ଖାଦ୍ୟ ଓ କୃଷି ସଂଗଠନଙ୍କ ଦ୍ୱାରା ଆରବୀୟ, ଚାଇନା, ଇଂରାଜୀ, ଫରାସୀ ଓ ସ୍ପେନୀୟ ଆଦି ପାଞ୍ଚଗୋଟି ସ୍ୱୀକୃତ ଭାଷାରେ ସଂହିତାଟିକୁ ଭାଷାନ୍ତର କରାଯାଇଛି । ଏହା ସହିତ ସରକାର ଶିକ୍ଷାନୁଷ୍ଠାନ ଓ ଅନ୍ୟ ସଂଗଠନମାନେ ସଂହିତାଟିକୁ ଆଲବାନୀୟ, କ୍ରୋଆଟିୟ, ଏସ୍ଥୋନିୟ, ଫାର୍ସି, ଜର୍ମାନ, ଆଇସଲାଣ୍ଡିକ, ଇଣ୍ଡୋନେସିଆ, ଇଟାଲୀୟ, ଜାପାନୀୟ, ପୋଲିସ, ରୁଷୀୟ, ସିଂହଳୀ, ସ୍ଲୋଭାକିଆ, ତାମିଲ, ଥାଇ ଓ ଟାଇଗ୍ରିନା ଭାଷା

ସମେତ ଅଣସ୍ୱୀକୃତ ଅନ୍ୟ ଭାଷାରେ ଭାଷାନ୍ତର କରିଅଛନ୍ତି । ଏହି ଭାଷାର କେତେକ ପାଠ୍ୟ, ଏଫ.ଏ.ଓ-ମତ୍ସ୍ୟ ବିଭାଗ ୱେବସାଇଟକୁ ଇଣ୍ଟରନେଟରେ ଦେଖିହେବ । ଯେଉଁ ଲୋକମାନେ ଚରିତ୍ର ସଂହିତା ବିଷୟରେ ଅଧିକ ଜାଣିବାକୁ ଚାହାଁନ୍ତି ଏବଂ ପାଠ୍ୟର ନକଲ ପାଇବାକୁ ଇଚ୍ଛା କରନ୍ତି, ଇଣ୍ଟରନେଟର ଯୋଗେ ଏଫ.ଏ.ଓ.-ମତ୍ସ୍ୟବିଭାଗ ୱେବସାଇଟ ସହ ଯୋଗାଯୋଗ କରି ପାରନ୍ତି । ୱେବସାଇଟ ଠିକଣା ନିମ୍ନରେ ପ୍ରଦତ୍ତ ହେଲା :

http://www.fao.org/fi/agreem/codecond/codecon.asp.

ଯଦି ଇଣ୍ଟରନେଟ ସୁବିଧା ନମିଳେ ଖାଦ୍ୟ ଓ କୃଷି ସଂଗଠନର ଏଫ୍.ଆଇ.ପି.ଏଲ/ମତ୍ସ୍ୟ ବିଭାଗ ସେବାର ମୁଖ୍ୟଙ୍କ ସହ ନକଲ ପାଇଁ ପରାମର୍ଶ କରିପାରନ୍ତି । ଠିକଣା - ଭାଏଲେ ଡ଼େଲେ ଟର୍ମେଚ଼ି କାରାକାଲା, 00100 ରୋମ, ଇଟାଲୀ । ଆରବୀୟ, ଚାଇନା, ଇଂରାଜୀ, ଫରାସୀ ବା ସ୍ପେନୀୟ ଆଦି କେଉଁ ଭାଷାରେ ସଂହିତାଟିକୁ ଚାହାଁନ୍ତି, ତାହା ଦୟାକରି, ଉଲ୍ଲେଖ କରିବେ ।



## ପ୍ରଚ୍ଛଦପଟ ତଥ୍ୟ

ଭବିଷ୍ୟତ ବଂଶଧରଙ୍କ ନିଶ୍ଚିତ ସମ୍ଭାବ୍ୟ ମାଛଯୋଗାଣ ପାଇଁ ମତ୍ସ୍ୟ ଓ ମାଛଚାଷରେ ସଂପୃକ୍ତ ଅନ୍ୟ ସବୁ ତଥା ଦେଶ ଉପରେ ମତ୍ସ୍ୟ ସମ୍ବଳ ଓ ସେମାନଙ୍କର ବାସସ୍ଥଳୀ ପରିଚାଳନା ଓ ସଂରକ୍ଷଣ ପାଇଁ ଏକତ୍ର କାର୍ଯ୍ୟ କରିବାକୁ ଚରିତ୍ର ସଂହିତା ଗୁରୁତ୍ୱ ଆରୋପ କରନ୍ତି । ମତ୍ସ୍ୟ ଉତ୍ପାଦନରେ ନିୟୋଜିତ ସମସ୍ତ ଲୋକମାନେ ବର୍ତ୍ତମାନ ତଥା ଭବିଷ୍ୟତ ପାଇଁ ଯୁକ୍ତି ଯୁକ୍ତ ପରିମାଣର ମତ୍ସ୍ୟ ଉତ୍ପାଦନ କରିବାକୁ ମାଛର ଗଚ୍ଛିତ ପରିମାଣ ସ୍ଥିରରଖିବା ଏବଂ ପୁନଃ ସ୍ଥାପନ ପାଇଁ ଉଦ୍ୟମ କରିବା ଉଚିତ । ସର୍ବୋଚ୍ଚ ସମର୍ଥନନୀୟ ଅମଳ କଥାଟି ଏହି ମାଛ


ଧରିବା ସ୍ତରକୁ ବର୍ଣ୍ଣନା କରିବାକୁ କଦବା ବ୍ୟବହାର କରାଯାଇଛି । ମତ୍ସ୍ୟ ସମ୍ବଳ ସଂରକ୍ଷଣ ନିମିତ୍ତ ପ୍ରତିଶୃତି, ଧାରାବାହିକ ଖାଦ୍ୟ ଯୋଗାଣ ଓ ମତ୍ସ୍ୟଜିବୀ ସଂପ୍ରଦାୟଙ୍କ ମଧ୍ୟରେ ଦାରିଦ୍ର୍ୟତା ଦୂରୀକରଣ ଆଦିକୁ ସାମିଲକରି ମତ୍ସ୍ୟ ସମ୍ବଳର ଦୀର୍ଘମିଆଦି ସମର୍ଥନନୀୟ ବ୍ୟବହାରକୁ ହାସଲ ଉଦ୍ଦେଶ୍ୟରେ ମାଛଧରିବା କାର୍ଯ୍ୟ ଓ ନୀତି ଅଭିହିତ କରିବା ବିଧେୟ ।

ଏଣୁ ଚରିତ୍ର ସଂହିତାର ପ୍ରକୃତ ଉଦ୍ଦେଶ୍ୟ ହେଲା, ଏହି ଲକ୍ଷ୍ୟ ସାଧନ ନିମିତ୍ତ ଦେଶ ଏବଂ ଦେଶସମୂହଙ୍କୁ ସେମାନଙ୍କର ମତ୍ସ୍ୟ ଉତ୍ପାଦନ ଓ ମାଛଚାଷର ବିକାଶ ବା ଉନ୍ନୟନ ପାଇଁ ସହାୟତା କରିବା ।

ଏହା ଜଣାଶୁଣା କଥା ଯେ, ଉତ୍ତମ ମତ୍ସ୍ୟନୀତିର ଉନ୍ନତି ନିମିତ୍ତ ଅର୍ଥ, ଦକ୍ଷତା ଓ ଅଭିଜ୍ଞତା ଯାହାକି ବିକାଶୋନ୍ମୁଖୀ ଦେଶରେ ଏବଂ ବିଶେଷକରି ଅନୁନ୍ନତ ଦେଶ ଓ କ୍ଷୁଦ୍ର ଦ୍ୱୀପଦେଶରେ ମିଳେ ନାହିଁ । ଏଫ.ଏ.ଓ. ସଦୃଶ ଆନ୍ତର୍ଜାତିକ ସଂଗଠନକୁ ଏହି ଦେଶଗୁଡିକର ସେମାନଙ୍କ ମତ୍ସ୍ୟଚାଷ ଓ ମତ୍ସ୍ୟଉତ୍ପାଦନ ଜନିତ ପରିଚାଳନାକୁ ଉନ୍ନତି କରିବାକୁ ତାହାଙ୍କ ଜାତୀୟ କ୍ଷମତାର ବିକାଶ ପାଇଁ ସଂହିତାଟି ଉତ୍ସାହିତ କରିବ ।

ଦାୟିତ୍ୱ ନେଇ ମତ୍ସ୍ୟ ପରିଚାଳନା କିପରି ହେବ ଏବଂ ସେମାନେ ନିଜେ କିପରି ମାଛ ଧରିପାରିବେ, ସେଥିପାଇଁ ସଂହିତାରେ ବ୍ୟାଖ୍ୟା କରାଯାଇଛି । ଉପକୂଳ ଅଞ୍ଚଳରେ ମାଛ ଧରିବା କାର୍ଯ୍ୟସହ ଜଡିତ ମତ୍ସ୍ୟଚାଷର ଉନ୍ନୟନ ଏବଂ ମତ୍ସ୍ୟ ପ୍ରକ୍ରିୟାକରଣ ଓ ଧରାମାଛ ବିକ୍ରୟ ଆଦି ବିଷୟରେ ସଂହିତାରେ ସନ୍ନିବେଶିତ ହୋଇଛି । ମତ୍ସ୍ୟ ଉତ୍ପାଦନ ସଂକ୍ରାନ୍ତୀୟ ସବୁ ବିଷୟରେ ଦେଶ ମଧ୍ୟରେ ପରସ୍ପର ସହଯୋଗକୁ ପ୍ରାଧାନ୍ୟ ଦିଆଯାଇ ସଂହିତାରେ ଆଲୋକପାତ କରାଯାଇଛି ।

ସଠିକ୍ ଭାବେ କିପରି ମତ୍ସ୍ୟ ଉତ୍ପାଦନ ଶିଳ୍ପ ଏବଂ ସଂହିତା କାର୍ଯ୍ୟକାରୀ ପାଇଁ ସରକାର ନେବାକୁ ଥିବା କ୍ଷେତ୍ରଭିତ୍ତିକ ପଦକ୍ଷେପ ଆଦି ସଂକ୍ରାନ୍ତରେ ସଂହିତା ଦିଗ୍‌ଦର୍ଶନ ଦେଇନାହିଁ । ସଂହିତାର କାର୍ଯ୍ୟକାରୀତା ପାଇଁ ବିଭିନ୍ନ ବିଷୟରେ ସହାୟତା କରିବାକୁ ଖାଦ୍ୟ ଓ କୃଷି ସଂଗଠନ ବିଷଦ ପଥପ୍ରଦର୍ଶନୀ ଧାରାର ବିକାଶ କରୁଛି । ସଂହିତା ଯେଉଁଥି ପାଇଁ ଉଦ୍ଦିଷ୍ଟ ତାହା କାର୍ଯ୍ୟକରିବା ନିମିତ୍ତ ଯାହା ପଦକ୍ଷେପ ନିଆଯିବା କଥା, ସେ ପରିପ୍ରେକ୍ଷୀରେ ମତ୍ସ୍ୟ ଉତ୍ପାଦନ, ଶିଳ୍ପ ଓ ମତ୍ସ୍ୟ ପରିଚାଳକଙ୍କୁ ପ୍ରକୃତ ଓ ବୈଷୟିକ ପରାମର୍ଶ ଦେବାକୁ ପଥପ୍ରଦର୍ଶନୀର ପ୍ରମୁଖ ଉଦ୍ଦେଶ୍ୟ ଅଟେ ।



## ମତ୍ସ୍ୟ ପରିଚାଳନା

ଦେଶଗୁଡିକର ମତ୍ସ୍ୟ ପରିଚାଳନା ସ୍ୱଷ୍ଟ ଓ ସୁଗଠିତ ମତ୍ସ୍ୟନୀତି ରହିବା ଉଚିତ ବୋଲି ସଂହିତା ଯୁକ୍ତି ଉପସ୍ଥାପନା କରିଛି,ମତ୍ସ୍ୟ ଶିଳ୍ପ, ମତ୍ସ୍ୟ ଶ୍ରମିକ, ପରିବେଶ ଗୋଷ୍ଠୀ ଓ ଅନ୍ୟାନ୍ୟ ଆଗ୍ରହୀ ସଂଗଠନ ସମେତ ମତ୍ସ୍ୟ ଉତ୍ପାଦନରେ ଆଗ୍ରହଥିବା ସବୁ ଗୋଷ୍ଠୀଙ୍କ ସହଯୋଗରେ ଏହି ନୀତିର ବିକାଶ ଘଟାଇବା ଉଚିତ ।

ମତ୍ସ୍ୟ ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ଯେଉଁଠି ଦେଶ ବେଶ ମଧ୍ୟରେ ସହଯୋଗ ଆବଶ୍ୟକ,କାରଣ ମତ୍ସ୍ୟ ସମ୍ବଳ ଦେଶମାନଙ୍କ ମଧ୍ୟରେ ଭାଗ ହୋଇଛି, ସେପରି ସ୍ଥଳେ ନୂତନ ଆଞ୍ଚଳିକ ମତ୍ସ୍ୟ ସଂଗଠନ ସ୍ଥାପନ କରାଯିବା କିମ୍ୱା ଥିବା ସଂଗଠନକୁ ଦୃଢୀକରଣ କରାଯିବ । ଏହି ପୁସ୍ତିକାରେ ପୂର୍ବରୁ ଆଲୋଚିତ ଧାରା ଅନୁଯାୟୀ ଦୀର୍ଘ ମିଆଦୀ ଲକ୍ଷ୍ୟ ହାସଲ ନିମିତ୍ତ ଏହିପରି ସହଯୋଗ ପ୍ରକୃତପକ୍ଷେ ରହିବା ଆବଶ୍ୟକ । ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ସହଯୋଗ ସଂକ୍ରାନ୍ତୀୟ ଅନୁଚ୍ଛେଦରେ ପୁନଃ ଆଞ୍ଚଳିକ ମତ୍ସ୍ୟ ସଂଗଠନର ଭୂମିକା ବିଚାର ବିମର୍ଶ କରାଯାଇଛି ।

ସ୍ୱଷ୍ଟ ମତ୍ସ୍ୟ ପରିଚାଳନା ଓ ଆଇନର ସବୁ ପରିସରରେ କାର୍ଯ୍ୟକରୁଥିବା ମତ୍ସ୍ୟ ଶିଳ୍ପ ଗୁଡିକ ହେଉଛି ପ୍ରଧାନ । ଯେହେତୁ ମତ୍ସ୍ୟ ଉତ୍ପାଦନରେ ଲିପ୍ତ ସମସ୍ତଙ୍କର ଅନୁସରଣ କରିବାକୁ ଥିବା ଆଇନ ସମ୍ପର୍କରେ ସ୍ୱଚ୍ଛ ବୁଝାମଣା ରହିଛି ।

ମତ୍ସ୍ୟ ଉତ୍ପାଦନ ଏଭଳି ପରିଚାଳନା ହେବା ଦରକାର ଯେପରି ମାଛଧରା ଓ ମତ୍ସ୍ୟ ପ୍ରକ୍ରିୟାକରଣ କାର୍ଯ୍ୟ, ପରିବେଶ ଉପରେ ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା, ବର୍ଜ୍ୟବସ୍ତୁ କମାଇବା ଓ ଧରାଯିବା ମାଛର ସତେଜଗୁଣ ସଂରକ୍ଷିତ ରଖିବା ଅନୁସାରେ ସଂପାଦିତ ହେବ । ମାଛଧରାଳୀମାନେ ସେମାନଙ୍କ ମାଛଧରିବା କାର୍ଯ୍ୟର ଲିଖିତ ତଥ୍ୟ ରଖିବା ଆବଶ୍ୟକ, ଆଇନ ଖିଲାପକାରୀଙ୍କୁ ଚିହ୍ନଟ କରିବା ଓ ବିହିତ ଦଣ୍ଡବିଧାନ କରିବାକୁ ସରକାରଙ୍କ ପ୍ରୟୋଗାତ୍ମକ ଆଇନ ଓ ପ୍ରଣାଳୀ ଥିବା ଉଚିତ । ଖିଲାପକାରୀଙ୍କ ଦଣ୍ଡରେ ଜୋରିମାନା ଅବା ଦେଶୀ ଖିଲାପକାରୀଙ୍କ ଲାଇସେନ୍ସ ରଦ୍ଦ କରିବା ଆଦି ଅନ୍ତର୍ଭୁକ୍ତ ହେବ ।

ମତ୍ସ୍ୟନୀତିର ବିକାଶ ପାଇଁ ଚିନ୍ତା କଲାବେଳେ ବହୁ ବିଷୟ ବିଚାର କରିବା ପ୍ରୟୋଜନ ଅଟେ । ମାଛ ଧରିବାକୁ ଲାଭ ଓ ବ୍ୟୟ ଏବଂ ମାଛଧରାରେ ସାମାଜିକ ତଥା ପରିବେଶର ପ୍ରଭାବ ଆଦି ଅନ୍ୟାନ୍ୟ ଘଟଣା ଏଥିରେ ସଂପୃକ୍ତ ଅଟେ ।

ଏହି ନୀତି ପ୍ରସ୍ତୁତ କଲାବେଳେ, ପାରମ୍ପାରିକ ମାଛଧରିବା ପଦ୍ଧତି ଓ ଜ୍ଞାନକୌଶଳ ଯେଉଁଠାରେ ଏହା କରିବାକୁ ଉପଯୁକ୍ତ ହେବ, ଏ ସଂକ୍ରାନ୍ତରେ ଦେଶଗୁଡିକ ମିଳୁଥିବା ଉତ୍ତମ ବୈଜ୍ଞାନିକ ସୂଚନାକୁ ବ୍ୟବହାର କରିବେ । ଯଥେଷ୍ଟ ବୈଜ୍ଞାନିକ ସୂଚନା ନ ମିଳିଲେ, ଦେଶଗୁଡିକ ମାଛଧରିବା ପରିସୀମା ନିର୍ଦ୍ଧାରଣରେ ଖୁବ୍ ସତର୍କତା ଅବଲମ୍ବନ କରିବେ ।

ମାଛ ଧରିବାରେ ସଂପୃକ୍ତ ସବୁ ଲୋକମାନଙ୍କୁ ଓ ସଂଗଠନ ଗୁଡିକୁ ମାଛ ଧରିବା ଘଟଣା ଉପରେ ମତାମତ ଓ ମନ୍ତବ୍ୟ ଦେବାକୁ ଉତ୍ସାହିତ କରିବା ଉଚିତ । ଜିବୀକାର୍ଜନ ପାଇଁ ମତ୍ସ୍ୟ ଉତ୍ପାଦନ ଉପରେ ନିର୍ଭର କରୁଥିବା ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ପ୍ରତି ନିର୍ଦ୍ଦିଷ୍ଟ ଭାବେ ଦୃଷ୍ଟି ଦେବା ଆବଶ୍ୟକ । ମାଛଚାଷୀ ଓ ମାଛ ଧରାଳୀଙ୍କୁ ଦେଶମାନେ ଶିକ୍ଷା ଓ ତାଲିମ ଦେବାକୁ ଉଦ୍ୟମ କରିବେ । ତାହାହେଲେ ବର୍ତ୍ତମାନ ଓ ଭବିଷ୍ୟତରେ ସମର୍ଥନନୀୟ ମତ୍ସ୍ୟ ଉତ୍ପାଦନ କରିବାକୁ ମତ୍ସ୍ୟନୀତିର ପ୍ରବର୍ତ୍ତନ ଓ ଉନ୍ନୟନରେ ସେମାନେ ନିଜକୁ ନିୟୋଜିତ କରିପାରିବେ ।

ମତ୍ସ୍ୟ ସମ୍ବଳର ସୁରକ୍ଷା ନିମିତ୍ତ ବିଷପ୍ରୟୋଗ, ଡିନାମାଇଟ ଓ ଅନ୍ୟ ମତ୍ସ୍ୟମାରଣ ପ୍ରଣାଳୀକୁ ସବୁଦେଶରେ ନିଷିଦ୍ଧ କରିବା ଉଚିତ ।

ଦେଶଗୁଡିକ ସେମାନଙ୍କ ଜଳସୀମାରେ କେବଳ ମାଛଧରା ପୋତ ଯେପରି ବ୍ୟବହାର ହୋଇପାରିବ, ସେଥିପ୍ରତି ଦୃଷ୍ଟି ଦେବେ । ଦାୟିତ୍ୱ ସଂପନ୍ନ ଭାବେ ଏବଂ ଅନ୍ୟ

କୌଣସି ନୀତିନିୟମ ଅନୁସାରେ ଅବା ସଂପୃକ୍ତ ଦେଶ ଯେଉଁ ନିୟମ ପ୍ରବର୍ତ୍ତନ କରିବେ, ତଦନୁସାରେ ଏହି ମାଛଧରା କାର୍ଯ୍ୟ ସଂପନ୍ନ ହେବ ।


ଅତ୍ୟଧିକ ମାଛଧରିବା କାର୍ଯ୍ୟ ଏଡାଇବା ନିମିତ୍ତ (ବେଶୀପରିମାଣର ମାଛଧରିନେବା ଦ୍ୱାରା ଭବିଷ୍ୟତରେ ମାଛ ମହଜୁଦ୍ ପରିମାଣ ହ୍ରାସ ପାଇବା), ପ୍ରାକୃତିକ ଉପାୟରେ ମାଛ ଯୋଗେଇବାକୁ ମାଛଧରା ପୋତ ଅତି ବଡ ହେବା ଉଚିତ ନୁହେଁ । ଏହାକୁ ମିଶାଇ ପରିବେଶ ଉପରେ ମାଛଧରା ଜାଲର ପ୍ରଭାବ (ଉଦାହରଣ ସ୍ୱରୂପ ପ୍ରବାଳ ଗଦା) ନୂଆ ଜାଲ ବ୍ୟବହାର ପୂର୍ବରୁ ବୁଝିବା ବିଧେୟ ।। ଜାଲରୁ ଖସିଯାଉଥିବା ମାଛଙ୍କ ବଞ୍ଚିବା ହାର ବୃଦ୍ଧି ନିମିତ୍ତ ଓ ବର୍ଜ୍ୟବସ୍ତୁ ହ୍ରାସ ପାଇଁ ମାଛଧରା ପ୍ରଣାଳୀ ଓ ଜାଲ ନିରୂପଣ କରିବା ଏବଂ ଆକାର ନିର୍ଦ୍ଧାରଣ କରିବା ଉଚିତ । ଦରକାର ହେଉ ନଥିବା ଅନ୍ୟ ଜାତିର ମାଛ ଧରିବା ପରିମାଣକୁ (ଅଣ ଲକ୍ଷ୍ୟ ଧାର୍ଯ୍ୟ ବା ମାଛଧରିବାରୁ) କିମ୍ବା ଲୋପ ପାଇ ଯାଇଥିବା ମାଛଧରିବା ହ୍ରାସ କରିବା ପାଇଁ ଜାଲଟି ନିରୂପଣ କରାଯିବ । ମାଛଧରା ଜାଲ ଏବଂ ମାଛଧରିବା ପ୍ରଣାଳୀ ନିରୂପିତ ହୋଇନଥିବା ବା ଯାହାକି ବର୍ଜ୍ୟବସ୍ତୁ ବୃଦ୍ଧି କରେ, ତାହା ନିର୍ଦ୍ଧାରଣ କରିବା ଆବଶ୍ୟକ ।

ବର୍ଜ୍ୟବସ୍ତୁ ଓ ଯାନ୍ତ୍ରବ ଆବର୍ଜନାକୁ କମାଇବା ଆଦି ଦୃଷ୍ଟିରେ ରଖି ମାଛଧରା ପୋତ କ୍ରୟ କରାଯିବ । ମାଛଧରା ପୋତର ମାଲିକ ଏବଂ ନାବିକ ସିଦ୍ଧାନ୍ତ କରିବେ ଯେ, ଛଡାଯାଇଥିବା ଆବର୍ଜନା ବେଶୀ ପ୍ରଦୂଷଣର କାରଣ ହେଉନାହିଁ ।

ଛଡାଯାଉଥିବା ବିପଦପୂର୍ଣ୍ଣ ଗ୍ୟାସ କମାଇବା ଏବଂ ଓଜନସ୍ତରରେ କ୍ଷତି ଘଟାଉଥିବା ଉପାଦାନ ଯାହାକି କେତେକ ମାଛଧରା ପୋତରେ ଥିବା ଶୀତଳିକରଣ ପ୍ରଣାଳୀରୁ ମିଳିଥାଏ,ଏ ସବୁକୁ ଦୃଷ୍ଟିରେ ରଖି ଦେଶମାନେ ବାୟୁର ଶୁଦ୍ଧତା ସୁରକ୍ଷା ନିମିତ୍ତ ଉପଯୁକ୍ତ ପଥପ୍ରଦର୍ଶନୀ ପ୍ରବର୍ତ୍ତନ କରିବା ବିଧେୟ । ଉକ୍ତ ଉପାଦାନଗୁଡିକ ତ୍ୟାଗ କରିବା ଉଚିତ ।

ସନ୍ତସନ୍ତିଆ କ୍ଷେତ୍ର, ହେନ୍ତାଳବଣ, ଜଳନାସି, ହ୍ରଦ ଯାହା ମାଛ ବାସ କରିବାର ପ୍ରମୁଖସ୍ଥଳୀ, ଏ ସବୁକୁ ଧ୍ୱଂସ ଓ ପ୍ରଦୂଷଣରୁ ରକ୍ଷା କରିବା ଦରକାର ଯେଉଁଠି ପ୍ରାକୃତିକ ବିପର୍ଯ୍ୟୟ ଘଟି ମତ୍ସ୍ୟ ସମ୍ବଳର କ୍ଷତି ହୁଏ । ସେହି ଦେଶଗୁଡିକ ଜରୁରୀକାଳୀନ ସଂରକ୍ଷଣ ଓ ଯେତେବେଳେ ଆବଶ୍ୟକ, ପରିଚାଳନା ପଦକ୍ଷେପ ନେବାକୁ ପ୍ରସ୍ତୁତ ରହିବା ଉଚିତ ।

## ପତାକା ଚିହ୍ନିତ ଦେଶ




ଯେଉଁ ଦେଶଗୁଡିକର ମାଛଧରା ପୋତ ଅଛି ଓ ସେଗୁଡିକ ସେମାନଙ୍କ ଜଳ ପରିସୀମା ବାହାରେ ମାଛ ଧରୁଛନ୍ତି, ସେମାନେ ଉପଯୁକ୍ତ ପ୍ରମାଣପତ୍ର ଦେଇଛନ୍ତି ଓ ମାଛ ଧରିବାକୁ ଅନୁମତି ଦିଆଯାଇଛି ବୋଲି ଦାୟିତ୍ୱ ବହନ କରିବେ । ଦେଶର ଜଳସୀମା ବାହାରେ ବ୍ୟବହାର କରାଯାଇଥିବା ମାଛଧରା ପୋତର ବିଶଦ ବିବରଣୀ ସେମାନେ ରଖିବା ଉଚିତ ।

ପତାକା ଚିହ୍ନିତ ଦେଶ (ଯେଉଁ ଦେଶ ମାଛଧରା ପୋତକୁ ଚିହ୍ନଟ ପାଇଁ ପତାକା ଦେଇଥାଆନ୍ତି) ନିଶ୍ଚିତ ହେବେ ଯେ, ସେମାନଙ୍କ ପୋତ ନିରାପଦରେ ଅଛି ଓ ବୀମାଭୁକ୍ତ ହୋଇଛି । ଅଧିକନ୍ତୁ ଜାତୀୟ ବା ଆନ୍ତର୍ଜାତିକ ନିୟମ ଅନୁଯାୟୀ ମାଛଧରା ପୋତ ଓ ଜାଲଗୁଡିକୁ ନିର୍ଦ୍ଦିଷ୍ଟଭାବେ ଚିହ୍ନିତ କରାଯିବ । ଦୁର୍ଘଟଣା ବିଷୟରେ ସୂଚନା ଓ ଏଥିରେ ସଂପୃକ୍ତ ବିଦେଶୀ ନାଗରିକଙ୍କ ସମ୍ବନ୍ଧରେ ତଥା ସଂପୃକ୍ତ ବିଦେଶୀ ସରକାରଙ୍କୁ ଦିଆଯିବା ଆବଶ୍ୟକ ।

## ବନ୍ଦରଥିବା ଦେଶ

ଆପଦକାଳୀନ ଅବସ୍ଥା ହେତୁ ବନ୍ଦରରେ ଆଶ୍ରୟ ନେଇଥିବା ମାଛଧରା ପୋତ ବ୍ୟତୀତ ସେମାନଙ୍କ ବନ୍ଦରରେ ପ୍ରବେଶ କରୁଥିବା ବିଦେଶୀ ମାଛଧରା ପୋତକୁ ନିରୀକ୍ଷଣ କରିବା ପାଇଁ ଦେଶଗୁଡିକ ନିର୍ଦ୍ଦିଷ୍ଟ ପଦ୍ଧତି ଅନୁସରଣ କରିବେ ଯେପରି କି ମାଛଧରାପୋତ ଦାୟିତ୍ୱସଂପନ୍ନଭାବେ ମାଛ ମାରିଛନ୍ତି । ଯେଉଁ ଦେଶରେ ମାଛଧରା ପୋତ ରେଜିଷ୍ଟ୍ରିଭୁକ୍ତ ହୋଇଛି,ଉକ୍ତ ଦେଶ ତାହାଙ୍କ ନିୟମଲଂଘନକାରୀ ମାଛଧରା ପୋତ ବିଷୟରେ ଅନୁସଂଧାନ କରିବାରେ ସହାୟତା କରିବାକୁ ଅନୁରୋଧ କଲେ ପତାକା ଚିହ୍ନିତ ଦେଶଗୁଡିକ ସହଯୋଗ କରିବା ଆବଶ୍ୟକ । ମାଛଧରା ପୋତର ଆଶ୍ରୟସ୍ଥଳୀ ବନ୍ଦର ଓ ମତ୍ସ୍ୟ ଅବତରଣ କେନ୍ଦ୍ରଗୁଡିକ ନିରାପଦ ରହିବା ଉଚିତ । ମାଛଧରା ପୋତର ମରାମତି ମାଛ ନିଲାମ ଓ କ୍ରୟ ନିମିତ୍ତ

ଏହି ସ୍ଥାନ ଗୁଡ଼ିକରେ ସୁବିଧା ଥିବା ଦରକାର ମଧୁରଜଳ ଯୋଗାଣ, ଶୌଚାଳୟ ବ୍ୟବସ୍ଥା ଓ ବର୍ଜ୍ୟବସ୍ତୁ ସଫେଇ ଆଦି ବ୍ୟବସ୍ଥା ରହିବ ।



## ମତ୍ସ୍ୟ ଚାଷ ଉନ୍ନୟନ


ମଣିଷର ଖାଦ୍ୟରୂପେ ବ୍ୟବହାର ପାଇଁ ଯେତେବେଳେ ମାଛ ଯୋଗାଣ ବୃଦ୍ଧି କରିବାକୁ ହେବ, ମାଛର ଅନୁବଂଶିକ ବିବିଧତାର ସଂରକ୍ଷଣ ଓ ବହୁ ସଂଖ୍ୟକ ମାଛ ମଧ୍ୟରେ ଚାଷ କରାଯାଉଥିବା ମାଛର, ପ୍ରାକୃତିକ ମତ୍ସ୍ୟ ସମ୍ପଦ ଉପରେ ପଡୁଥିବା ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ଆଦି ମତ୍ସ୍ୟ ଚାଷ ଉନ୍ନୟନ ବାସ୍ତବରେ ପ୍ରଧାନ ଲକ୍ଷ୍ୟ ହେବା ଦରକାର ।

ସମ୍ବଳ ଯଥା- ଜଳାଶୟ, ସମୁଦ୍ର ବା ଭୂଖଣ୍ଡ ଯାହାକି ଏକରୁ ଅଧିକ ଲୋକଙ୍କ ଦ୍ୱାରା ବ୍ୟବହାର ହେଉଛି କିମ୍ବା ବିଭିନ୍ନ ପ୍ରକାର ବ୍ୟବହାର ପାଇଁ ଉପାଦେୟ ଅଟେ । ସମ୍ବଳର ବ୍ୟବହାର କାରୀଙ୍କ ମଧ୍ୟରେ ବିବାଦ ଓ ମତାନ୍ତର ଏଡେଇବା ନିମିତ୍ତ ସମ୍ବଳର ନ୍ୟାୟୋଚିତ ବଣ୍ଟନ ଓ ବ୍ୟବହାର ପୁନଃ ସ୍ଥାପନ ପାଇଁ ଦେଶଗୁଡ଼ିକର ନୀତି ଓ ଯୋଜନା ଥିବା ଦରକାର ।

ସ୍ଥାନୀୟ ସଂପ୍ରଦାୟଙ୍କର ଜିବୀକାର୍ଜନ, ମାଛଧରା ସ୍ଥଳର ଉତ୍ପାଦିକା ଶକ୍ତି ଓ ସଂଯୋଗ ପଥ ଆଦି ମତ୍ସ୍ୟ ଚାଷ ଉନ୍ନୟନ ଦ୍ୱାରା ଯେପରି ପ୍ରତିକୂଳ ପ୍ରଭାବିତ ନ ହୁଏ, ସଂପୃକ୍ତ ଦେଶଗୁଡ଼ିକ ଏଥିପ୍ରତି ଧ୍ୟାନ ଦେବେ । ମତ୍ସ୍ୟଚାଷ ଦ୍ୱାରା ପରିବେଶ ପ୍ରଭାବର କ୍ଷତିକୁ ଜାଣିବା ଓ ଏହାର ପରିଚାଳନା ପଦ୍ଧତି ଦୃଢ଼ୀଭୂତ ହେବ । ଏହା ସହିତ ମାଛଚାଷରେ

ବ୍ୟବହୃତ ବିଭିନ୍ନ କିସମର ଖାଦ୍ୟ, ସାର ପ୍ରୟୋଗର ଯତ୍ନ ନେବା ଦରକାର । ମତ୍ସ୍ୟ ରୋଗ ନିୟନ୍ତ୍ରଣ ପାଇଁ ବ୍ୟବହୃତ ଔଷଧ ଓ ରାସାୟନିକ ପଦାର୍ଥ କମ୍ ହେବା,କାରଣ ଏଗୁଡିକର ପ୍ରତିକୂଳ ପ୍ରଭାବ ପରିବେଶ ଉପରେ ପଡେ । ଉତ୍ପାଦିତ ମାଛର ନିରାପତ୍ତା ଓ ଗୁଣାତ୍ମକ ମାନ ବଜାୟ ରଖିବା ହେଉଛି ପ୍ରଧାନ କାର୍ଯ୍ୟ ।

ଯେଉଁଠାରେ ମାଛଚାଷର ପ୍ରଭାବ ଦେଶର ଜଳସୀମା ବାହାରେ ଘଟିଥାଏ, ଅଣସ୍ଥାନୀୟ ଜାତିର ମାଛ ଚାଷ ପାଇଁ ପ୍ରବର୍ତ୍ତନ ପୂର୍ବରୁ ଦେଶଗୁଡିକ ପଡୋଶୀ ଦେଶଙ୍କ ସହ ପରାମର୍ଶ କରିବା ଉଚିତ । ନୂତନ କିସମର ମାଛରୁ ଘଟିତ ବ୍ୟାଧିକୁ କମାଇବା ପାଇଁ ଅବା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଜଳଜ ଉଦ୍ଭିଦ ଓ ଜଳଜ ପ୍ରାଣୀ ସ୍ଥାନାନ୍ତର ବେଳେ ଓ ପ୍ରବର୍ତ୍ତନ ସମୟରେ ପରସ୍ପର ସହମତିରେ କରାଯାଇଥିବା ସଂହିତା ଅନୁସରଣ କରିବା ବିଧେୟ । ପୁନଃ ଚାଷ ଓ ଲୁପ୍ତ ପ୍ରାୟ କିସମର ମାଛଯୋଗାଣ ବୃଦ୍ଧି (ଯେଉଁ କିସମର ମାଛ ପାଇଁ ଠିକଣା ପଦକ୍ଷେପ ନ ନେଲେ ମୃତ୍ୟୁ ବରଣ କରିପାରନ୍ତି) ନିମିତ୍ତ ମତ୍ସ୍ୟ ପ୍ରକଳ୍ପର ରୂପରେଖ ଦେବାବେଳେ ଶିଳ୍ପାନୁଷ୍ଠାନ ଓ ଦେଶଗୁଡିକ ଉପଯୁକ୍ତ କୌଶଳ ଉନ୍ନତି କରିବେ ।




## ଉପକୂଳ ଅଞ୍ଚଳ ପରିଚାଳନାରେ ମତ୍ସ୍ୟ ଉତ୍ପାଦନର ପୂର୍ଣ୍ଣାଙ୍ଗିକରଣ

ଯେତେବେଳେ ଉପକୂଳ ଅନ୍ତର୍ଗତ (ଉଦାହରଣ ସ୍ୱରୂପ ଜଳ, ଭୂମି ଇତ୍ୟାଦି) ମତ୍ସ୍ୟ ଉପକୂଳ ଅଞ୍ଚଳର ସମ୍ବଳକୁ ସଂରକ୍ଷିତ କରାଯିବା ଓ ଉତ୍ତମ ପରିଚାଳନା କରିବା ପାଇଁ ଉପକୂଳ ଅଂଚଳର ପଡୋଶୀ ଦେଶଗୁଡିକ ପରସ୍ପର ସହଯୋଗ କରିବେ । ସମ୍ବଳକୁ କିପରି ବ୍ୟବହାର କରାଯାଇପାରିବ ଅବା ଆକଳନ କରାଯିବ, ସଂପୃକ୍ତ ଅଂଚଳରେ ବାସ କରୁଥିବା ମତ୍ସ୍ୟଜିବୀ ସମେତ ଅନ୍ୟ ଲୋକମାନେ ଏବଂ ସେମାନଙ୍କ ଜୀବନଯାପନର ପନ୍ଥା ବିଚାର କରାଯିବା ଉଚିତ ଏବଂ ଯୋଜନା କଲାବେଳେ ସେମାନଙ୍କ ମତାମତକୁ ବିଚାରକୁ ନିଆଯିବ ।

ଯେଉଁଠାରେ ଉପକୂଳ ଅଂଚଳକୁ ବିବିଧ ବ୍ୟବହାର କରାଯାଇଛି, ମତ୍ସ୍ୟଜିବୀ ଓ ଅନ୍ୟ ବ୍ୟବହାରକାରୀଙ୍କ ମଧ୍ୟରେ ମତାନ୍ତରକୁ ଏଡାଇ ମତ୍ସ୍ୟ ଉତ୍ପାଦନ କାର୍ଯ୍ୟ ଅବ୍ୟାହତ ରଖାଯିବ । ଯଦି ମନୋମାଳିନ୍ୟ ହୁଏ, ନ୍ୟାୟୋଚିତ ପଦ୍ଧତିରେ ସେଗୁଡିକ ଫଏସଲା କରାଯିବା ।

## ଉତ୍ପାଦନ ପରବର୍ତ୍ତୀ କାର୍ଯ୍ୟ ବ୍ୟବସାୟିକ ଦାୟିତ୍ୱ



ମାଛକୁ ଖାଦ୍ୟ ରୂପେ ଗ୍ରହଣ କରନ୍ତୁ ଓ ମତ୍ସ୍ୟଜାତ ପଦାର୍ଥ ନିରାପଦ ଏବଂ ସ୍ୱାସ୍ଥ୍ୟକର ବୋଲି ଦେଶଗୁଡିକ ସେମାନଙ୍କ ଲୋକଙ୍କୁ ପ୍ରବର୍ତ୍ତାନ୍ତୁ । ସରକାରଙ୍କ ଦ୍ୱାରା ମାଛର ଗୁଣାତ୍ମକମାନ ପରିଦର୍ଶନ ଏବଂ ପ୍ରୟୋଗ କରାଯାଉ, ଯାହାକି ଖାଉଟୀଙ୍କ ସ୍ୱାସ୍ଥ୍ୟକୁ ସୁରକ୍ଷା କରିବ ଓ ବ୍ୟବସାୟଗତ ଠକାମିକୁ ପ୍ରତିରୋଧ (ଉଦାହରଣ ସ୍ୱରୂପ, ବିକ୍ରୟ କରାଯାଉଥିବା ମାଛ ବିଷୟରେ ଖାଉଟୀଙ୍କୁ ଭ୍ରମ ସୂଚନା ଦେବା) କରିବା ଅଧିକନ୍ତୁ,ଦେଶଗୁଡିକ ସାଧାରଣ ପରିମଳ ବ୍ୟବସ୍ଥା ଓ ପ୍ରାମାଣିକ କାର୍ଯ୍ୟ କରିବାରେ ସହଯୋଗ କରିବେ ।

ମାଛ ପ୍ରକ୍ରିୟାକରଣ, ପରିବହନ ଓ ଗଚ୍ଛିତ ରଖିବା ପ୍ରଣାଳୀ ପରିବେଶସହ ଖାପଖାଇବା ବିଧେୟ (ଏହି ପଦ୍ଧତି ପରିବେଶ ଉପରେ କୁ ପ୍ରଭାବ ନ ପକାଇବା ଉଚିତ) ମାଛ ଅମଳ ପରବର୍ତ୍ତୀ କ୍ଷତି ଓ ମାଛ ଧରିବା ପରେ ଆବର୍ଜନା ଯଥାସମ୍ଭବ କମ୍ ହେବ । ଅନ୍ୟ ମାଛ (ଯେଉଁ ଧରାମାଛ ମତ୍ସ୍ୟଜିବୀ ପ୍ରକୃତରେ ଚାହାଁନ୍ତି ନାହିଁ) ଯଥାସମ୍ଭବ ବ୍ୟବହାର କରିବା ଦରକାର ଏବଂ ଜଳ, ଶକ୍ତି, କାଠ ଯାହାକି ମତ୍ସ୍ୟ ପ୍ରକ୍ରିୟାକରଣରେ ବ୍ୟବହାର ହୁଏ, ଯତ୍ନର ସହ ପରିଚାଳନା କରିବା ଉଚିତ । ଯେଉଁଠାରେ ସମ୍ଭବ, ମୂଲ୍ୟବାନ ମତ୍ସ୍ୟ ସାମଗ୍ରୀର ଉତ୍ପାଦନ ବା ମତ୍ସ୍ୟ ସାମଗ୍ରୀର ପ୍ରକ୍ରିୟାକରଣକୁ ଉତ୍ସାହିତ କରିବା ଆବଶ୍ୟକ, କାରଣ ଏହି ଉତ୍ପାଦନ ସାମଗ୍ରୀ ସାଧାରଣତଃ ମତ୍ସ୍ୟଜିବୀଙ୍କ ପାଇଁ ଅଧିକ ମୂଲ୍ୟ ଦିଏ ।

ବ୍ୟବସାୟଗତ ଆଇନ୍, ମାଛ ଓ ମତ୍ସ୍ୟ ସାମଗ୍ରୀ ପାଇଁ ସରଳ, ସ୍ୱଚ୍ଛ ଓ ଆନ୍ତର୍ଜାତିକ ଆଇନର ଅନୁରୂପ ହେବ । ଯେହେତୁ ଦେଶଗୁଡିକ ସାମୟିକ ସେମାନଙ୍କ ବ୍ୟବସାୟିକ ଆଇନ ଓ ନୀତି ପ୍ରସ୍ତୁତ ଓ ସମୀକ୍ଷା କରନ୍ତି, ମତ୍ସ୍ୟଜିବୀ, ପରିବେଶ ସଂଗଠନ ଓ ଖାଉଟୀ ଗୋଷ୍ଠୀଙ୍କ

ସହ ଏ ସଂପର୍କରେ ପରାମର୍ଶ କରିବେ । ଦେଶଗୁଡ଼ିକର ଏ ସଂପର୍କରେ ନୀତି ଓ ନିୟମ ଉନ୍ନତି ଅବା ପରିବର୍ତ୍ତନ ହେଲେ, ଅନ୍ୟ ଦେଶଗୁଡ଼ିକୁ ଅବଗତ କରାଇବା ଉଚିତ ଓ ସେମାନଙ୍କ ରପ୍ତାନୀ ଓ ଆମଦାନୀ ପ୍ରଣାଳୀପାଇଁ ଆବଶ୍ୟକ ହେଉଥିବା ପରିବର୍ତ୍ତନ ବାବଦ ସମୟ ଦେବା ଦରକାର ।

ଏହା ପ୍ରଧାନ ଘଟଣାଯେ, ଉକ୍ତ ସ୍ଥାନରୁ ମାଛଧରିବା ଆନ୍ତର୍ଜାତିକ ବ୍ୟବସାୟର ଅନ୍ତର୍ଭୁକ୍ତ ନୁହେଁ (ଗଚ୍ଛିତ ସ୍ଥଳରୁ ଅତ୍ୟଧିକ ମାଛମାରିନେବା) ଏବଂ ଲୁପ୍ତ ପ୍ରାୟ ଜାତିର ମାଛ ବ୍ୟବସାୟକୁ ନିୟନ୍ତ୍ରଣ କରଥିବା ଆନ୍ତର୍ଜାତିକ ଚୁକ୍ତିନାମା ପାଳନ ବେଳେ ଦେଶଗୁଡ଼ିକ ସହଯୋଗ କରିବା ଦରକାର । ଅଧିକନ୍ତୁ ମାଛ ଓ ମାଛଜାତ ସାମଗ୍ରୀର ବ୍ୟବସାୟ ଏବଂ ସମର୍ଥନନୀୟ ମାଛର ବ୍ୟବହାର ଆଦି ସଂରକ୍ଷଣ ନାମରେ ବ୍ୟାହତ ହେବା ଉଚିତ ନୁହେଁ ।

## ମତ୍ସ୍ୟ ଗବେଷଣା

ଦେଶଗୁଡ଼ିକ ସହମତ ହେବା ଆବଶ୍ୟକ ଯେ, ଦାୟିତ୍ୱସଂପନ୍ନ ମତ୍ସ୍ୟ ଉତ୍ପାଦନ ନୀତି ଦକ୍ଷ ବୈଜ୍ଞାନିକ ପ୍ରଣାଳୀ ଭିତ୍ତିରେ ହେବ । ଏଣୁ, ଦେଶମାନେ ଗବେଷଣା ସୁବିଧା କରିବା ଦରକାର ଓ ଯୁବ ବୈଜ୍ଞାନିକ ବ୍ୟକ୍ତଙ୍କୁ ତାଲିମ ନେବାକୁ ଉତ୍ସାହିତ କରିବେ । ବିକାଶୋନ୍ମୁଖୀ ଦେଶ ଏବଂ ଏହି ଦେଶ ଅନ୍ତର୍ଗତ କ୍ଷୁଦ୍ର ଦ୍ୱୀପଗୁଡ଼ିକର ଆବଶ୍ୟକତାକୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବୈଷୟିକ ବ୍ୟକ୍ତି ଓ ଆନ୍ତର୍ଜାତିକ ସଂଗଠନ ସଂପୃକ୍ତ ଅନୁନ୍ନତ ଦେଶର ଗବେଷଣା ଉଦ୍ୟମକୁ ସମର୍ଥନ କରିବା ଉଚିତ ।


ଗବେଷଣା କରିବାକୁ ହେଲେ ଦେଶଗୁଡ଼ିକ ମାଛର ଅବସ୍ଥା ଓ ସେମାନଙ୍କ ଆଶ୍ରୟସ୍ଥଳୀକୁ ନିୟନ୍ତ୍ରଣ କରିବା ଏବଂ ଏହି ଅବସ୍ଥାରେ ଘଟୁଥିବା କୌଣସି ପରିବର୍ତ୍ତନକୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ । ବିଭିନ୍ନ କିସମର ଜାଲ ବ୍ୟବହାର ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ମାଛର ସଂଖ୍ୟା ଓ ସାଧାରଣ ପରିବେଶ ଉପରେ ଏହାର ପ୍ରଭାବ ସଂକ୍ରାନ୍ତରେ ତଥ୍ୟ ଆହରଣ କରିବା ଉଚିତ । ଯେତେବେଳେ ଗୋଟିଏ ଦେଶ ବ୍ୟବସାୟିକ ଭିତ୍ତିରେ ନୂତନ ଜାଲ ବା ନୂଆ ମାଛଧରା କୌଶଳ ସାମାଜିକ ଓ ମାଛବିକ୍ରୀବଟା ପ୍ରବର୍ତ୍ତନ କରିବାକୁ ସ୍ଥିର କରେ, ଉକ୍ତ ଗବେଷଣା ନିର୍ଦ୍ଦିଷ୍ଟଭାବେ ପ୍ରଧାନ ଅଟେ ।

ଆନ୍ତର୍ଜାତିକ ଗବେଷଣା ଉଦ୍ୟମରେ ଦେଶଗୁଡ଼ିକ ସାମୂହିକ ଯୋଗଦେବା କଥା । ଯେଉଁଠାରେ ଅନ୍ୟ ଦେଶର ଜଳ ଅଞ୍ଚଳରେ ଗବେଷଣା କରାଯାଏ, ଏହା ମୁଖ୍ୟ ବିଷୟ ଯେ, ଗବେଷଣାକାରୀମାନେ ସଂପୃକ୍ତ ଦେଶଦ୍ୱାରା ପ୍ରବର୍ତ୍ତନ ମାଛଧରା ନିୟମକୁ ପାଳନ

କରିବେ । ଆଞ୍ଚଳିକ ମତ୍ସ୍ୟସଂଗଠନକୁ ମାଛ ଧରିବା ଏବଂ ସମର୍ଥିତ ବୈଜ୍ଞାନିକ ସୂଚନା ଦିଆଯିବା ଉଚିତ ଓ ଯଥା ସମ୍ଭବ ଶୀଘ୍ର ଆଗ୍ରହୀ ଦେଶଙ୍କୁ ସୂଚନା ବଣ୍ଟନ କରାଯିବ ।

## ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ସହଯୋଗ

ଗୋଟିଏ ଦେଶ ମତ୍ସ୍ୟ ପରିଚାଳନା ବାବଦ ନେଇଥିବା ପଦକ୍ଷେପ ଯାହାକି ଅନ୍ୟ ଦେଶଦ୍ୱାରା ନିଆଯାଇଥିବା ସେହିଭଳି ପଦକ୍ଷେପ ସହ ସଂଗତ, ବିଶେଷକରି ଗୋଟିଏ ସ୍ଥଳରୁ ମାଛ ଧରୁଥିଲେ ଏହା ସ୍ପଷ୍ଟ ଯେ, ଦେଶ ଓ ଆଞ୍ଚଳିକ ସଂଗଠନ ମତ୍ସ୍ୟ ପରିଚାଳନା ସଂକ୍ରାନ୍ତୀୟ ବିଭିନ୍ନ ବିଷୟରେ ସହଯୋଗ କରିବେ । ଅଧିକନ୍ତୁ, ମତ୍ସ୍ୟ ଉତ୍ପାଦନଗତ ତର୍କରେ ସଂପୃକ୍ତ ଦେଶଗୁଡିକର ଇଚ୍ଛାକୁ ଦମନ କରିବା ନିମିତ୍ତ ଆଞ୍ଚଳିକ ସଂଗଠନ ଜରିଆରେ ସହଯୋଗ କରିବେ । କିନ୍ତୁ ଯେତେବେଳେ ଦ୍ୱନ୍ଦ ଉପୁଜିବ, ଯଥାଶୀଘ୍ର ତାହା ଶାନ୍ତିପୂର୍ଣ୍ଣ ଉପାୟରେ ଫଏସଲା କରିବା ଉଚିତ ।



## ଏସବୁର ଅର୍ଥ କ'ଣ ?

ଯଦି ଦେଶଗୁଡିକର ନିର୍ଦ୍ଦିଷ୍ଟସ୍ଥଳ ନିମିତ୍ତ ବିଜ୍ଞାନନୀତି ଥିବା ଓ ମାଛ ଧରିବା ଦାୟିତ୍ୱ ଓ ଅନୁସରଣ କରୁଥିବା ବ୍ୟବହାରିକ ପଦ୍ଧତି ଥିବା, ପ୍ରାକୃତିକ ସମ୍ବଳ ନବୀକରଣ ଯୋଗୁଁ

ବର୍ଷକୁବର୍ଷ ମାଛ ଧରି ହେବ । ତଦୁପରି, ମାଛଚାଷ ଓ ମାଛଫାର୍ମ କରିବା, ଯାହାକି ପରିବେଶର କ୍ଷତି କରୁନଥିବ, ତାହାର ବିକାଶ କରିବା ଉଚିତ । କାରଣ ଏହି ଭଳି ଚାଷ ସାମୂହିକ ମାଛ ଉତ୍ପାଦନକୁ ସାମାଜିକ ଓ ଅର୍ଥନୈତିକ ସ୍ତରରେ ମୁଖ୍ୟ ବୋଲି ବିଚାର କରାଯିବ ଓ ସଂପୃକ୍ତ ଦେଶର ଏହା ଅର୍ଥନୀତିର ମାନଦଣ୍ଡ ଅଟେ ।


ମତ୍ସ୍ୟ ଉତ୍ପାଦନ ଓ ମାଛ ଚାଷରେ ଯେଉଁମାନେ ସଂପୃକ୍ତ, ସେମାନେ ଯଦି ସଫଳତା ସହ ଦାୟିତ୍ୱସଂପନ୍ନ ଚରିତ୍ର ସଂହିତା ପ୍ରବର୍ତ୍ତନ କରନ୍ତି, ପହାହେଲେ ବର୍ତ୍ତମାନ ଓ ଭବିଷ୍ୟତ ବଂଶଧରଙ୍କ ବ୍ୟବହାର ନିମିତ୍ତ ମାଛ ଓ ମତ୍ସ୍ୟଜାତ ସାମଗ୍ରୀ ମିଳିବ । ପ୍ରକୃତରେ ଦେଖିବାକୁ ଗଲେ ବର୍ତ୍ତମାନର ବଂଶଧରମାନଙ୍କର ନୈତିକ ଦାୟିତ୍ୱ ଅଛି ଯେ, ଭବିଷ୍ୟତରେ ବଂଶଧରମାନଙ୍କ ପାଇଁ ଦାୟିତ୍ୱହୀନ ଏବଂ ଅଧିକ ବ୍ୟବହାର ନିମିତ୍ତ ମିଳୁଥିବା ମାଛର ପରିମାଣ ହ୍ରାସ କରିବେ ନାହିଁ ।

ଦାୟିତ୍ୱ ସଂପନ୍ନ ମତ୍ସ୍ୟ ଉତ୍ପାଦନ ପାଇଁ ଚରିତ୍ର ସଂହିତା ଉତ୍‌ଥାପନ କରେ ଯେ, ଦେଶ ଓ ତାହାଙ୍କ ନାଗରିକମାନେ ଯୌଗିକ ଏବଂ ସମନ୍ୱିତ ନୀତି ମତ୍ସ୍ୟ କ୍ଷେତ୍ରରେ ପ୍ରବର୍ତ୍ତନ କରିବା ଦ୍ୱାରା ସୁସ୍ଥ ଓ ଦୃଢ ସଫଳତା ମିଳିବ । ଏହିଭଳି ବହୁଦିନ ଚାଲିଲେ ଏହିପରି ଦାୟିତ୍ୱ ସଂପନ୍ନ କାର୍ଯ୍ୟ ମାଛର ମହଜୁଦ ପରିମାଣ ବୃଦ୍ଧି କରିବ, ଯାହାକି ଖାଦ୍ୟ ମିଳିବା ଗ୍ୟାରେଣ୍ଟି ଓ ସ୍ଥାୟୀ ଅର୍ଥ ଉପାର୍ଜନ ସୁବିଧା ସୃଷ୍ଟି କରିବ ।

ଯଦି ବିଶ୍ୱର ସବୁ ଦେଶ ମିଶି ଦାୟିତ୍ୱ ସଂପନ୍ନ ମତ୍ସ୍ୟ ଉତ୍ପାଦନ ଅଭ୍ୟାସ କରିବେ, ତେବେ ଆଗାମୀ ବଂଶଧରଙ୍କ ପାଇଁ ପ୍ରଚୁର ମାଛ ମିଳିବ । ଖାଦ୍ୟ ଓ କୃଷି ସଂଗଠନର ମତ୍ସ୍ୟ ବିଭାଗ ଆଶାକରେ ଯେ, ଏହି ପୁସ୍ତିକାଟି ତଥ୍ୟ ସମ୍ବଳିତ ଏବଂ ବିଶ୍ୱ ସମୁଦାୟର ମତ୍ସ୍ୟ ଉତ୍ପାଦନ ଏବଂ ମାଛଚାଷ କିପରି ଉତ୍ତରୋତ୍ତର ଉନ୍ନତି ହେବ ଓ ଦାୟିତ୍ୱଭାବେ ପରିଚାଳିତ ହେବ, ସେଥିପାଇଁ ଆପଣମାନେ ପ୍ରଚେଷ୍ଟା କରିବେ ।

দାୟିତ୍ୱ ସଂପନ୍ନ ମତ୍ସ୍ୟ ଉତ୍ପାଦନ ପାଇଁ ଚରିତ୍ର ସଂହିତା ଅନ୍ତର୍ଗତ କେତେକ ପ୍ରମୁଖ ବିଷୟଯୁକ୍ତ ଅଣବିଷୟିକ ଧାରାରେ ଏହି ପୁସ୍ତିକାରେ ବର୍ଣ୍ଣନା କରାଯାଇଛି । ଆଭିମୁଖ୍ୟ ସଂପର୍କରେ ଜନସଚେତନା ସୃଷ୍ଟି ଏବଂ ସଂହିତା ସମ୍ବନ୍ଧରେ ଓ ସମସ୍ତ ମାଛଧରା ତଥା ମତ୍ସ୍ୟଚାଷ କ୍ଷେତ୍ରରେ ଏହାର ସକ୍ରିୟ ପ୍ରଯୋଗକୁ ଉତ୍ସାହିତ କରିବା ହେଉଛି ଏହାର ଉଦ୍ଦେଶ୍ୟ ।

ଏହି ପୁସ୍ତିକାଟି ଚରିତ୍ର ସଂହିତା ପରିବର୍ତ୍ତେ ପ୍ରଣୟନ କରାଯାଇନାହିଁ କିନ୍ତୁ ସଂହିତାରେ ଥିବା କେତେକ ଜଟିଳ ସୂଚନାକୁ ସମସ୍ତ ମତ୍ସ୍ୟ ବ୍ୟବହାରକାରୀଙ୍କୁ ବିଷଦ ଭାବେ ଅବଗତ କରାଇବା ଉଦ୍ଦେଶ୍ୟରେ ସରଳ ବ୍ୟାଖ୍ୟା କରାଯାଇଛି ।



Translation and Printing of this booklet has been arranged by the Bay of Bengal Programme, 91, Saint Mary's Road, Abhiramapuram, Chennai-600 018, India (Tel: # 91 44 4936188; Fax: # 91 44 4936102)